# ସାମାଜିକ ନିରାପତ୍ତା ଓ ଭିନ୍ନକ୍ଷମ ସଶକ୍ତିକରଣ କମିଶନର ତଥା ସଚିବଙ୍କ ଅନୁଗୋଳ ଗସ୍ତ ।

ଅନୁଗୋଳ ୦୫.୦୨ :- ସାମାଜିକ ନିରାପତ୍ତା ଓ ଭିନ୍ନକ୍ଷମ ସଶକ୍ତିକରଣ କମିଶନର ତଥା ସଚିବ ଶ୍ରୀ ଭାସ୍କର ଜ୍ୟୋତି ଶର୍ମା ଗତକାଲିଠାରୁ ଅନୁଗୋଳ ଜିଲ୍ଲାକୁ ଗସ୍ତରେ ଆସି ବିଭାଗୀୟ କାର୍ଯ୍ୟକ୍ରମ ସମେତ ସରକାରଙ୍କର ଅଗ୍ରାଧିକାର ଯୋଜନା ସମ୍ପର୍କରେ ସମୀକ୍ଷା କରିଛନ୍ତି । ଗତକାଲି ସଚିବ ପାଲଲହଡା ଅଂଚଳ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟକ୍ରମକୁ ବୁଲି ଦେଖିବା ସହ ଏହାର ସମୀକ୍ଷା କରିଥିଲେ । ଆଜି ପୂର୍ବାହ୍ନରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷ ଠାରେ ସରକାରଂକର ୧୧ ଗୋଟି ପ୍ରମୁଖ ଯୋଜନାର ସମୀକ୍ଷା କରିଥିଲେ । ମମତା, ନିରାମୟ, ଗଭୀର ନଳକୂପ ଏବଂ ଉଠାଜଳସେଚନ,ପାନୀୟ ଜଳ, ପି ଡି ଏସ୍- ଏନ୍ ଏଫ୍ ଏସ୍ ଏ, ସମଗ୍ର ଶିକ୍ଷା ଏବଂ ଛାତ୍ରାବାସ,ବିଜୁ ପକ୍କାଘର ଯୋଜନା,ମିଶନ ଶକ୍ତି,ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା,ଗ୍ରାମୀଣ ବିଦ୍ୟୁତ୍ ସଂଯୋଗ, ପେନସନ ଏବଂ ଆଇ ସି ଡି ଏସ୍ ଅନ୍ତର୍ଭୁକ୍ତ ଯୋଜନାଗୁଡିକର କାର୍ଯ୍ୟକାରିତା ସମ୍ପର୍କରେ ସଚିବ ସମୀକ୍ଷା କରିଥିଲେ । ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ଭିନ୍ନକ୍ଷମମାନଂକ ପାଇଁ ଉଦ୍ଦିଷ୍ଟ ୪ ପ୍ରତିଶତ ଗୃହ ସଠିକ୍ ଭାବେ ଯୋଗାଇ ଦିଆଯାଉଛି କି ନାହିଁ ସଚିବ ବିଭାଗୀୟ ଅଧିକାରୀଂକ ଠାରୁ ପଚାରି ବୁଝିଥିଲେ । ସବୁ ଡାକ୍ତରଖାନାରେ ପର୍ଯ୍ୟାପ୍ତ ପରିମାଣରେ ଔଷଧ ଗଛିତ ରଖିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ଅମରେନ୍ଦ୍ର ନାଥ ମହାନ୍ତିଂକୁ ପରାମର୍ଶ ଦେଇଥିଲେ । ଔଷଧଗୁଡିକ ଯେପରି ନଷ୍ଟ ନ ହେବ ସେଥିପାଇଁ ଯତ୍ନବାନ ହେବାକୁ ଶ୍ରୀ ମହାନ୍ତିଂକୁ ପରାମର୍ଶ ଦେଇଥିଲେ । ଜିଲ୍ଲାର ବିଭିନ୍ନ ସ୍ଥାନରୁ ୧୪୦ଗୋଟି ବୋରୱେଲର ଭୂତଳ ଜଳ ପରିକ୍ଷା ପାଇଁ ନମୁନା ପଠାଯାଇଛି ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ । ଜିଲ୍ଲାର ପାଖାପାଖି ୩୫ହଜାର କୃଷକ ଉଠାଜଳସେଚନ ଏବଂ ବୋରୱେଲ ବ୍ୟବହାର କରି କୃଷି କାର୍ଯ୍ୟ କରୁଛନ୍ତି ବୋଲି ବିଭାଗୀୟ ଅଧିକାରୀ ପ୍ରକାଶ କରିଥିଲେ । ଏତେ ସଂଖ୍ୟାରେ କୃଷକ ଯଦି ବାସ୍ତବରେ ଏହି ସୁବିଧା ପାଉଥାନ୍ତି ତାହେଲେ ଜିଲ୍ଲାରେ କୃଷିର ଉନ୍ନତି ହୋଇପାରିବ ବୋଲି ସଚିବ ପ୍ରକାଶ କରିଥିଲେ । ଏହା ଉପରେ ଏକ ସଠିକ୍ ତଥ୍ୟ ପ୍ରସ୍ତୁତ କରିବା ପାଇଁ ସଚିବ ବିଭାଗୀୟ ଅଧିକାରୀଂକୁ ନିର୍ଦ୍ଦେଶ ଦେଇଥିଲେ । ଅନେକ ଯାଗାରେ ଗୋଟିଏ ପରିବାର ପାଇଁ ଉଦ୍ଦିଷ୍ଟ ପାନୀୟ ଜଳ ଯୋଗାଣ ପଏଣ୍ଟରୁ ୨-୩ଟି ପରିବାର ପାନୀୟ ଜଳ ବ୍ୟବହାର କରୁଛନ୍ତି, ପୌରପାଳିକା ନିର୍ବାଚନ ପରେ ଏଥିପାଇଁ ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରକାଶ କରିଥିଲେ । ଚିକିତ୍ସାଳୟରେ ଅତ୍ୟାଧୁନିକ ରୋଷେଇ ଗୃହ ନିର୍ମାଣ ଉପରେ ସଚିବ ଗୁରୁତ୍ୱ ଦେଇଥିଲେ । ଏଥିପାଇଁ ଅଧିକ ଅର୍ଥ ଆବଶ୍ୟକ ପଡିଲେ ଜିଲ୍ଲା ଖଣିଜପାଣ୍ଠିରୁ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ପ୍ରତିଶୃତି ଦେଇଥିଲେ । ଜିଲ୍ଲାର ରୋଗୀମାନେ ବିଜୁ କୃଷକ କଲ୍ୟାଣ ଯୋଜନାର ସୁବିଧା ପାଉଛନ୍ତି କି ନାହିଁ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଂକୁ ସଚିବ ପଚାରି ବୁଝିଥିଲେ । ବିଗତ ୩ ବର୍ଷର ଓ ପି ଡି ରୋଗୀଂକ ତାଲିକା ପ୍ରସ୍ତୁତ

କରିବା ପାଇଁ ସଚିବ ଡ.ମହାନ୍ତିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସରକାରଂକ ପ୍ରଦତ୍ତ ଏଲ୍ ଇ ଡି ଲାଇଟ୍ ଗୁଡିକ ସଠିକ୍ ଭାବେ ବଣ୍ଟନ କରାଯାଉଛି କି ନାହିଁ ସଚିବ ପଚାରି ବୁଝିଥିଲେ । ଯେଉଁଠି ଏହି ବଲ ଗୁଡିକ ଶିଘ୍ର ଫିଉଜ୍ ହୋଇଯାଉଛି ଏହା ଉପରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଏବଂ ନିର୍ବାହୀ ଯନ୍ତ୍ରୀ (ସେସୁ )ଙ୍କୁ ସେ ପରାମର୍ଶ ଦେଇଥିଲେ । ଜିଲ୍ଲାର ପ୍ରତି ବିଦ୍ୟାଳୟରେ ପାଠାଗାର କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସଚିବ ଜିଲ୍ଲା ଶିକ୍ଷା ଅଧିକାରୀଂକୁ ପରାମର୍ଶ ଦେଇଛନ୍ତି । ପିଲାମାନଂକ ଆବଶ୍ୟକତା ଓ ରଚିକୁ ଦୃଷ୍ଟିରେ ରଖି ପାଠାଗାରରେ ପୁସ୍ତକ ରଖିବା ପାଇଁ ସେ ପରାମର୍ଶ ଦେଇଥିଲେ । ଜିଲ୍ଲାରେ ଥିବା ଭିନ୍ନକ୍ଷମ ଶ୍ରମିକ ପରିବାରଂକ ତାଲିକା ପ୍ରସ୍ତୁତ କରିବା ପାଇଁ ବିଭାଗୀୟ ଅଧିକାରୀଂକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାର ଭିନ୍ନକ୍ଷମଂକ ଚୂଡାନ୍ତ ତାଲିକା ପ୍ରସ୍ତୁତ କରିବା ପାଇଁ ବିଭାଗୀୟ ଅଧିକାରୀଂକୁ ସଚିବ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ୍ ଓ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।




DISTRICT RURAL DEVELOPMENT AGENCY
ANGUL